**୧୪ ଜାନୁଆରୀ ୨୦୨୨ ଖୁତବା ଜୁମାର ସାରାଂଶ**
**ସ୍ଥାନ – ମସଜିଦ ମୁବାରକ୍ ଇସଲାମାବାଦ୍, ଲଣ୍ଡନ**

**ହଜରତ ମୁହମ୍ମଦ ସ.ଅଙ୍କର ସର୍ବୋଚ୍ଚ ସ୍ତରରେ ଅଧିଷ୍ଠିତ ମାର୍ଗଦର୍ଶୀ ଖଲିଫା ହଜରତ ଅବୁବକର୍ ସିଦ୍ଦିକ୍ (ସତ୍ୟବାଦୀ) ଅବ୍ଦୁଲ୍ଲାଃ ବିନ୍ ଉସମାନ୍ ର.ଅଙ୍କ ଉଚ୍ଚତମ ସ୍ତର ଓ ମନୋହର ଚରିତ୍ରର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମା ବାଦ୍‌ଫଂଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ହଜୁର ଅନୱ୍ୱର ଅ.ବ ସୁରେଃ ତୌବାର ଆୟତ ନମ୍ବର ୪୦ ମଧ୍ୟ ପାଠ କରିଥିଲେ । ସେଥିଅନ୍ତେ ପ୍ରିୟ ହଜୁର ଅନୱ୍ୱର ଅ.ବ କହିଲେ; ଗତ ଖୁତବା ଜୁମା ପୂର୍ବରୁ ହଜରତ ଅବୁବକର ର.ଅଙ୍କ ଜୀବନୀ ଚର୍ଚ୍ଚା ଚାଲିଥିଲା । ପ୍ରବାସ କରିବା ସମୟରେ ସୁରାକା ବିନ୍ ମାଲିକ୍ ହଜରତ ମୁହମ୍ମଦ ମୁସ୍ତଫା ସ.ଅଙ୍କ ପିଛା କରି ଆପଣଙ୍କ ନିକଟରେ ଆସି ପହଂଚି ଯାଇଥିଲା । ଏହି ପ୍ରସଙ୍ଗରେ କିଛି ବର୍ଣ୍ଣନା ମିଳୁଅଛି । ଗୋଟିଏ ବର୍ଣ୍ଣନାନୁଯାୟୀ ଯେତେବେଳେ ସୁରାକା ସେଠାରୁ ପ୍ରତ୍ୟାବର୍ତ୍ତନ କରୁଥିଲା ସେତେବେଳେ ହଜୁର ସ.ଅ କହିଲେ; ହେ ସୁରାକା ! ସେତେବେଳେ ତୁମର ଅବସ୍ଥା କ’ଣ ହେବ ଯେତେବେଳେ କିସରାର କଙ୍କଣ ତୁମ ହସ୍ତରେ ଥିବ । ସୁରାକା ଆଶ୍ଚର୍ଯ୍ୟ ଚକିତ ହୋଇ ବୁଲି ପଡ଼ିଲା ଏବଂ କହିଲା କ’ଣ କିସରାର କଙ୍କଣ ? କିସରା ବିନ୍ ହୁରମୁଯ୍ । ଅତଏବ ହଜରତ ଉମର ର.ଅଙ୍କ ଖିଲାଫତ୍ କାଳରେ ଯେତେବେଳେ କିସରାର କଙ୍କଣ, ତାହାର ମୁକୁଟ ଓ ଅଣ୍ଟାସୂତା ଆଦି ମଦିନା ଅଣାଗଲା । ସେତେବେଳେ ହଜରତ ଉମର ର.ଅ ସୁରାକାଙ୍କୁ ଡ଼କାଇଲେ ଏବଂ କହିଲେ ସକଳ ପ୍ରଶଂସା ସେହି ପରମେଶ୍ୱରଙ୍କ ପାଇଁ ଉଦ୍ଦିଷ୍ଟ ଯେ କିସରା ବିନ୍ ହୁରମୁଯ୍ ଠାରୁ ଏସବୁ ଛଡ଼ାଇ ଆଣିବାକୁ ମୁସଲମାନମାନଙ୍କୁ ସାମର୍ଥ୍ୟ ପ୍ରଦାନ କଲେ । ଏହି ବର୍ଣ୍ଣନା ମଧ୍ୟ ମିଳୁଅଛି ଯେ ସୁରାକାଙ୍କୁ ଏହି ସୁସମାଚାର ହନିନ୍ ଓ ତାଇଫ୍‌ରୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ତାଙ୍କ ଇସଲାମ ଧର୍ମ ଗ୍ରହଣ କରିବା ପରେ ପ୍ରଦାନ କରାଯାଇଥିଲା ।

ହଜରତ ମିର୍ଜା ବଶିର ଅହେମଦ ସାହେବ ର.ଅ “ସିରତ୍ ଖାତମୁନ୍ ନବୀଇନ୍”ରେ ସୁରାକା ବିନ୍ ମାଲିକ୍‌ର ନିଜସ୍ୱ ଶବ୍ଦ ଉଲ୍ଲେଖ କରିଛନ୍ତି । ସେ କୁହନ୍ତି ମୁଁ ହଜରତ ମୁହମ୍ମଦ ମୁସ୍ତଫା ସ.ଅଙ୍କୁ ଧରିବା ପ୍ରସଙ୍ଗରେ ନିଜ ଭାଗ୍ୟ ପରୀକ୍ଷା କରୁଥିଲି କିନ୍ତୁ ପ୍ରତି ଥର ଗୁଳାରେ ମୋ ଆଶା ବିପରୀତ ଫଳ ବାହାରୁଥିଲା । ପୁନଶ୍ଚ ବାଲୁକାରେ ଓଟର ଗୋଡ଼ ଧସିଯିବା ଘଟଣା ପ୍ରସଙ୍ଗରେ ସୁରାକା ସ୍ୱୟଂ କୁହନ୍ତି; ସେଥିରୁ ମୁଁ ଏହି କଥାରେ ଉପନୀତ ହେଲି ଯେ ହଜରତ ମୁହମ୍ମଦ ମୁସ୍ତଫା ସ.ଅଙ୍କ ତାରକା ସର୍ବଉର୍ଦ୍ଧ୍ୱରେ ବିଦ୍ୟମାନ ଏବଂ ଶେଷରେ ଆପଣ ହିଁ ବିଜୟ ମଣ୍ଡିତ ହେବେ ।

ହଜରତ ମୁସଲେହ ମଉଦ ର.ଅ କୁହନ୍ତି; ଯେତେବେଳେ ସୁରାକା ସେଠାରୁ ପ୍ରତ୍ୟାବର୍ତ୍ତନ କରୁଥିଲା, ସେହି ସମୟରେ ସର୍ବଶକ୍ତିମାନ ଅଲ୍ଲାଃତାଲା ହଜୁର ସ.ଅଙ୍କୁ ଭବିଷ୍ୟତର ସୂଚନା ଦେଲେ । ଆପଣ କହିଲେ; ହେ ସୁରାକା ! ସେତେବେଳେ ତୁମ ଅବସ୍ଥା କ’ଣ ହେବ ଯେତେବେଳେ କିସରାର କଙ୍କଣ ତୁମ ହାତ ମୁଠାରେ ଥିବ । ଆପଣ ସ.ଅଙ୍କର ଏହି ଭବିଷ୍ୟତ ବାଣୀ ଦୀର୍ଘ ୧୬/୧୭ ବର୍ଷ ପରେ ଅକ୍ଷର ଅକ୍ଷରେ ପୂରଣ ହୋଇଥିଲା... ସୁରାକା ମୁସଲମାନ ହେବା ପରେ ନିଜର ଏହି ଘଟଣା ଅତି ଗର୍ବର ସହିତ ମୁସଲମାନମାନଙ୍କୁ ଶୁଣାଉ ଥିଲା ଏବଂ ମୁସଲମାନମାନେ ମଧ୍ୟ ଏକଥା ଜାଣିଥିଲେ । ଇରାନ ବିଜୟ ପରେ ଯେତେବେଳେ ମୁସଲମାନମାନେ ଯୁଦ୍ଧ ବିଜୀତ ଧନସମ୍ପତ୍ତି ହଜରତ

ଉମର ର.ଅଙ୍କ ସେବାରେ ଅର୍ପଣ କଲେ । ଯେଉଁଥିରେ କିସରାର କଙ୍କଣ ମଧ୍ୟ ରହିଥିଲା, ତାହାକୁ ଦେଖି ଆପଣଙ୍କ ଚକ୍ଷୁ ସମ୍ମୁଖରେ ସମସ୍ତ ପୂର୍ବ ଚିତ୍ରପଟ ଝଲସି ଉଠିଲା । ସେହି ଦୁର୍ବଳ ଓ ନିରାଶ୍ରୟର ସମୟକାଳ ଯେତେବେଳେ ପ୍ରଭୁଙ୍କ ଶ୍ରେଷ୍ଠ ନବୀଙ୍କୁ ନିଜର ଭିଟାମାଟିକୁ ଛାଡ଼ି ମଦିନା ଆସିବାକୁ ପଡ଼ିଥିଲା । ସୁରାକା ଓ ଅନ୍ୟ ବ୍ୟକ୍ତିମାନଙ୍କର ହଜୁର ସ.ଅଙ୍କ ପଛରେ ଆସି ଆପଣଙ୍କୁ ଜୀବିତ ଅବା ମୃତ ମକ୍କାବାସୀଙ୍କୁ ହସ୍ତାନ୍ତର କରି ୧୦୦ଗୋଟି ଓଟର ମାଲିକ ହୋଇଯିବା ଥିଲା । ସେତେବେଳେ ହଜୁରସ.ଅ ସୁରାକାଙ୍କୁ ଏହି ସୁସମାଚାର ଦେଇଥିଲେ । ଦେଖ ଏହା କେତେ ବଡ଼ ସୁସମାଚାର ଓ କିପରି ସ୍ୱଚ୍ଛ ଭବିଷ୍ୟତ ବାଣୀ ଥିଲା । ଅତଏବ ହଜରତ ଉମରର.ଅ ସୁରାକାଙ୍କୁ ଆଦେଶ ଦେଲେ କିସରାର କଙ୍କଣ ପରିଧାନ କର । ସୁରାକା ଉତ୍ତର ଦେଲେ, ଜଣେ ମୁସଲମାନ ପାଇଁ ତ ସୁନା (ଅଳଙ୍କାର, ଆଭୂଷଣ) ପରିଧାନ କରିବା ଅବୈଧ ଅଟେ । ଏଥିରେ ପୁନଶ୍ଚ ହଜରତ ଉମରର.ଅ କହିଲେ; ହଁ ତୁମ କଥା ଠିକ୍ କିନ୍ତୁ ତାହା ଏପରି ପରିସ୍ଥିତି ପାଇଁ ପ୍ରଯୁଜ୍ୟ ନୁହେଁ । ଐଶ୍ୱର୍ଯ୍ୟମୟ ପ୍ରଭୁ ନିଜ ପ୍ରିୟ ନବୀଙ୍କୁ ତୁମ ହସ୍ତରେ ଏହି କଙ୍କଣ ଦେଖାଇ ଥିଲେ । ସୁତରାଂ ଯଦି ତୁମେ ଏହି କଙ୍କଣ ପରିଧାନ ନକର ତେବେ ମୁଁ ତୁମକୁ ଦଣ୍ଡିତ କରିବି । ସୁରାକା ସେହି କଙ୍କଣ ପରିଧାନ କଲେ ଏବଂ ମୁସଲମାନମାନେ ଉକ୍ତ ମହାନ ଭବିଷ୍ୟତ ବାଣୀକୁ ପୂରଣ ହେବାର ସ୍ୱଚକ୍ଷୁରେ ଅବଲୋକନ କରିନେଲେ ।

ପ୍ରବାସ ସମୟରେ ହଜୁର ସ.ଅଙ୍କ ଦଳ ନିଜ କ୍ଷୁଧା ନିବାରଣ କରିବା ସକାଶେ ଉମ୍ମେ ମାଆବଦ୍‌ର ଶିବିର ନିକଟରେ ଅଟକି ଥିଲା । ଉମ୍ମେ ମାଆବଦ୍ ଜଣେ ସାହାସୀ ଓ ନିର୍ଭିକ ମହିଳା ଥିଲେ, ସେ ଯାତ୍ରୀମାନଙ୍କ ପାଇଁ ଖାଇବାର ବ୍ୟବସ୍ଥା କରୁଥିଲେ । ଯେତେବେଳେ ହଜୁର ସ.ଅଙ୍କ ଦଳ ସେଠାରେ ପହଂଚିଲା ସେତେବେଳେ ଉମ୍ମେ ମାଆବଦ୍‌ର ଗୋଷ୍ଠୀ ଦୁର୍ଭିକ୍ଷରେ ପ୍ରପୀଡ଼ିତ ଥିଲେ । ହଜୁର ସ.ଅଙ୍କ ସେବାରେ ଉପସ୍ଥାପନ କରିବା ସକାଶେ ତାଙ୍କ ନିକଟରେ କୌଣସି ଜିନିଷ ନଥିଲା । ଉମ୍ମେ ମାଆବଦ୍‌ଙ୍କ ଅନୁମତିକ୍ରମେ ଗୋଟିଏ ଅତି ଦୁର୍ବଳ ଓ ଅଧେଡ଼ ଛେଳି ସେବାରେ ଉପସ୍ଥିତ କରାଗଲା, ଯାହା ଠାରୁ ହଜୁର ସ.ଅଙ୍କ ଦୁଆ କରିବା ପରେ ଦୁଗ୍ଧ ଦୁହାଁଗଲା । ପରମ ଦୟାଶୀଳ ପ୍ରଭୁ ସେଥିରେ ଏଭଳି କଲ୍ୟାଣ ପ୍ରଦାନ କଲେ ଯେ ସଭିଏଁ କ୍ଷୀର ପାନ କରି ତୃପ୍ତ ହୋଇଗଲେ ।

ହଜୁରସ.ଅ ବର୍ତ୍ତମାନ ଯାତ୍ରାରେ ଥିଲେ ଯେ ସେ ହଜରତ ଯୁବେର୍ ର.ଅଙ୍କୁ ସାକ୍ଷାତ କଲେ ଯିଏ ମୁସଲମାନମାନଙ୍କ ଏକ ଦଳ ସାଥିରେ ସିରିୟାରୁ ବ୍ୟବସାୟ କରି ଫେରୁ ଥିଲେ । ସେ ହଜୁରସ.ଅ ଓ ହଜରତ ଅବୁବକର ର.ଅଙ୍କୁ ଗୋଟିଏ ଗୋଟିଏ ହଳ ଧବଳ ରଙ୍ଗର ବସ୍ତ୍ର ଉପହାର ସ୍ୱରୂପ ପ୍ରଦାନ କଲେ ।

ହଜରତ ଅବୁବକରର.ଅ ମଧ୍ୟ ଜଣେ ବ୍ୟବସାୟୀ ବ୍ୟକ୍ତି ଥିଲେ ଏବଂ ସେ ସେହି ମାର୍ଗ ଦେଇ ଅନେକ ଥର ଯାତାୟାତ କରିଥିଲେ । ତେଣୁ ଅଧିକାଂଶ ଲୋକ ତାଙ୍କୁ ଚିହ୍ନି ଥିଲେ, ଅପରପକ୍ଷେ ହଜୁର ସ.ଅଙ୍କୁ ଲୋକମାନେ ଚିହ୍ନି ନଥିଲେ । ବସ୍ତୁତଃ ସେମାନେ ହଜରତ ଅବୁବକର ର.ଅଙ୍କୁ ପଚାରୁଥିଲେ, ଏ ତୁମ ଆଗରେ କିଏ ରହିଛନ୍ତି ? ହଜରତ ଅବୁବକରର.ଅ ଉତ୍ତର ଦେଲେ ହାଜା ୟହ୍‌ଦିନିୟସ୍ ସବିଲ୍ ଅଥାତ୍ ଯେ ମୋ ମାର୍ଗଦର୍ଶୀ (ମୁନିବ) । କିନ୍ତୁ ଲୋକମାନେ ମଣୁଥିଲେ ଯେ ସମ୍ଭବତଃ ଏ ଆପଣଙ୍କର କେହି ସହାୟକ (ମାର୍ଗୀ) ଅଟନ୍ତି । ଯାହାଙ୍କୁ ବାଟ ଦେଖାଇବା ପାଇଁ ହଜରତ ଅବୁବକରର.ଅ ସାଥିରେ ରଖିଛନ୍ତି । କିନ୍ତୁ ହଜରତ ଅବୁବକରର.ଅ ଉଦ୍ଦେଶ୍ୟ ଏତଦ୍ ଭିନ୍ନ ଥିଲା ।

ଆଠ ଦିନ ଯାତ୍ରା କରିବା ପରେ ପ୍ରଭୁଙ୍କ ସାହାଯ୍ୟ ଓ ଅନୁକମ୍ପା ଫଳରେ ଶେଷରେ ହଜୁରସ.ଅ କୁବାରେ ପହଂଚିଗଲେ । କୁବା ବସ୍ତିଟି ମଦିନା ଠାରୁ ଦୁଇ ମିଲ୍ ଦୂରତାରେ ଅବସ୍ଥିତ ଥିଲା । ହଜରତ ମୁସଲେହ ମଉଦର.ଅ କୁହନ୍ତି; ଜଣେ ଇହୁଦି ହଜୁର ସ.ଅଙ୍କ ଓଟକୁ ତାଙ୍କ ଆଡ଼କୁ ଆସୁଥିବାର ଦେଖିଲା । ସେ ଆପଣଙ୍କୁ ଦେଖି ବୁଝିଗଲା ଯେ ଏହା ହଜୁର ସ.ଅଙ୍କ ଦଳ । ବସ୍ତୁତଃ ସେ ବସ୍ତିବାସୀଙ୍କୁ ଡ଼ାକ ଛାଡ଼ିଲା । ତାହାର ସ୍ୱର ଶୁଣି ସଭିଏଁ କୁବା ଆଡ଼କୁ ଧାଇଁଲେ । ମଦିନାର ଅଧିକାଂଶ ଅଧିବାସୀ ହଜୁର ସ.ଅଙ୍କୁ ଚିହ୍ନି ନଥିଲେ । ଯେତେବେଳେ ହଜୁରସ.ଅ କୁବା ବାହାରେ ଏକ ବୃକ୍ଷ ତଳେ ବସିଥିଲେ ଏବଂ ଲୋକମାନେ ଆତ୍ମବିଭୋର ହୋଇ ହଜୁର ସ.ଅଙ୍କ ଆଡ଼କୁ ଦୌଡ଼ି ଆସୁଥିଲେ ସେତେବେଳେ ଆପଣ ଅତି ସାଧାରଣ ମନୁଷ୍ୟ ପରି ଗଛ ମୂଳେ ବିରାଜିତ ଥିଲେ । ସେମାନଙ୍କ ମଧ୍ୟରୁ ଆପଣଙ୍କୁ ଚିହ୍ନି ନଥିବା

ବ୍ୟକ୍ତିମାନେ ହଜରତ ଅବୁବକର [ର.ଅ]ଙ୍କୁ ଯେ କି ହଜୁର [ସ.ଅ]ଙ୍କ ଠାରୁ ଯଦିଚ ବୟସରେ ସାନ ଥିଲେ କିନ୍ତୁ ଆପଣଙ୍କର କିଛି ଦାଢି ଧବଳ ପଡ଼ି ଯାଇଥିଲା ଏବଂ ଆପଣଙ୍କ ପରିହିତ ବସ୍ତ୍ର ମଧ୍ୟ ହଜୁର [ସ.ଅ]ଙ୍କ ତୁଳନାରେ ଉତ୍ତମ ଥିଲା, ସେମାନେ ହଜରତ ଅବୁବକର [ର.ଅ]ଙ୍କୁ ହିଁ ଅବତାର (ନବୀ) ମଣିଲେ ଏବଂ ସେମାନେ ଆପଣଙ୍କ ନିକଟରେ ବେଶ୍ ସମ୍ମାନ ସତ୍କାରର ସହିତ ଘେରି ବସିଲେ । ହଜରତ ଅବୁବକର[ର.ଅ] ଯେତେବେଳେ ଏସବୁ ଦେଖିଲେ ଜାଣିଗଲେ ଯେ ଲୋକମାନେ ଭ୍ରମର ଶିକାର ହୋଇଛନ୍ତି । ସୁତରାଂ ସେ ସଙ୍ଗେସଙ୍ଗେ ସୂର୍ଯ୍ୟ କିରଣ ପଡୁଥିବା ଦିଗରେ ଚଦର ନେଇ ଛିଡ଼ା ହୋଇଗଲେ । ପୁନଶ୍ଚ କହିଲେ ହେ ଅଲ୍ଲାଃଙ୍କ ରସୁଲ[ସ.ଅ]! ଆପଣଙ୍କ ଉପରେ ସୂର୍ଯ୍ୟାଲୋକ ପଡୁଛି । ସେଥିରୁ ଆପଣଙ୍କୁ ରକ୍ଷା କରିବା ସକାଶେ ମୁଁ ଚଦର କରିଦେଇଛି । ଏପରି ଅତି ସୂକ୍ଷ୍ମ ବୁଦ୍ଧିମତାର ପରିଚୟ ଦେଇ ଆପଣ ଲୋକମାନଙ୍କ ତ୍ରୁଟିର ନିବାରଣ କରିଥିଲେ ।

ହଜରତ ଅନସ୍ ବିନ୍ ମାଲିକ୍ କୁହନ୍ତି; ଯେତେବେଳେ ହଜୁର[ସ.ଅ] ଆସିଲେ ମଦିନା ଉଜ୍ଜ୍ୱଳମୟ ହୋଇଗଲା ଏବଂ ଯେତେବେଳେ ଆପଣଙ୍କର ଦେହାନ୍ତ ଘଟିଲା ସେହି ଦିନ ପୂର୍ବରୁ ମଦିନା ସହରକୁ ଆମେ କଦାପି ଏପରି ଅନ୍ଧକାରମୟ ଦେଖି ନଥିଲୁ । କୁବାର ଅନସାରମାନେ ଆପଣଙ୍କର ଭବ୍ୟ ସ୍ୱାଗତ କରିଥିଲେ ଏବଂ ଆପଣ କୁଲସୁମ୍ ବିନ୍ ଅଲହଦମ୍‌ଙ୍କ ଘରେ ଅବସ୍ଥାନ କରିଥିଲେ ।

ସହି ବୁଖାରୀର ବର୍ଣ୍ଣନାନୁଯାୟୀ ହଜୁର[ସ.ଅ] ବନୁ ଉମରୋ ବିନ୍ ଅଔଫ୍‌ଙ୍କ ଘରେ ୧୦ରୁ ଅଧିକ ଦିନ ଅବସ୍ଥାନ କରିଥିଲେ । ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ହଜୁର[ସ.ଅ] ବନୁ ଉମରୋ ବିନ୍ ଅଔଫ୍‌ଙ୍କ ପାଇଁ ଏକ ମସଜିଦ୍‌ର ଭିତ୍ତି ପ୍ରସ୍ତର ରଖିଥିଲେ । ଯେତେବେଳେ ଆପଣ ଉକ୍ତ ଭିତ୍ତି ସ୍ଥାପନ କଲେ ସେତେବେଳେ ସର୍ବପ୍ରଥମେ ଆପଣ ସହର (ମଦିନା) ଆଡ଼କୁ ପଥର ରଖିଥିଲେ । ସେଥିଅନ୍ତେ ହଜରତ ଅବୁବକର[ର.ଅ] ଗୋଟିଏ ପଥର ଆଣି ରଖିଦେଲେ ଓ ହଜରତ ଉମର[ର.ଅ] ମଧ୍ୟ ଗୋଟିଏ ପଥର ଆଣି ରଖିଦେଲେ । ଏପରି ସମସ୍ତ ଲୋକମାନେ ନିର୍ମାଣ କାର୍ଯ୍ୟରେ ମଜି ଯାଇଥିଲେ । ମସଜିଦ୍ କୁବା ପ୍ରସଙ୍ଗରେ ଉଲ୍ଲେଖ ରହିଛି ଯେ ଏହା ହେଉଛି ସେହି ମସଜିଦ୍ ଯାହାର ଭିତ୍ତି ଧର୍ମନିଷ୍ଠ ଆଧାରରେ ରଖାଯାଇଥିଲା । ହଜରତ ଇବନେ ଅବ୍‌ବାସ୍ ବର୍ଣ୍ଣନା କରନ୍ତି; ମଦିନାର ସମସ୍ତ ମସଜିଦ୍ ଯେଉଁଥିରେ ମସଜିଦ୍ କବା ମଧ୍ୟ ସାମିଲ ରହିଛି । ଯାହା ପ୍ରସଙ୍ଗରେ ପବିତ୍ର କୁରଆନରେ ପଂକ୍ତି ଅବତୀର୍ଣ୍ଣ ହୋଇଥିଲା ।

ହଜରତ ମିର୍ଜା ବଶିର ଅହେମଦ ସାହେବ[ର.ଅ] କୁହନ୍ତି; କୁବାରେ ୧୦ରୁ ଅଧିକ ଦିନ ଅବସ୍ଥାନ କରିବା ପରେ ଜୁମା ଦିନ ହଜୁର[ସ.ଅ] ମଦିନାର ଭିତରକୁ ପ୍ରବେଶ କରିଥିଲେ । ଅନସାର ଓ ପ୍ରବାସକାରୀଙ୍କର ଏକ ବଡ଼ ଦଳ ଆପଣଙ୍କ ସାଥିରେ ଥିଲେ । ଆପଣ[ସ.ଅ] ଗୋଟିଏ ଓଟ ଉପରେ ଆରୋହଣ କରିଥିଲେ ଏବଂ ହଜରତ ଅବୁବକର[ର.ଅ] ଆପଣ [ସ.ଅ]ଙ୍କ ପଛରେ ଥିଲେ । ଉକ୍ତ ଦଳଟି ଧିରେ ଧିରେ ସହର ମଧ୍ୟଭାଗକୁ ଅଗ୍ରସର ହେଲେ । ମାର୍ଗରେ ହିଁ ନମାଜ ଜୁମାର ସମୟ ହୋଇଯିବାରୁ ହଜୁର[ସ.ଅ] ବନୁ ସାଲିମ୍ ବିନ୍ ଅଔଫ୍‌ଙ୍କ ଘରେ ଓହ୍ଲାଇ ନମାଜ ପାଠ କରିଥିଲେ ।

ହଜୁର[ସ.ଅ] ଯାହାଙ୍କ ଘର ମଧ୍ୟ ଦେଇ ଅତିକ୍ରମ କରୁଥିଲେ ସଭିଏଁ ଆପଣଙ୍କ ପ୍ରତି ଅନାବିଳ ପ୍ରେମରେ କହୁଥିଲେ ହେ ଅଲ୍ଲାଃଙ୍କ ରସୁଲ[ସ.ଅ]! ଏହା ଆମ ଘର, ଏସବୁ ଆମ ଧନଜୀବନ... ଏସବୁକିଛି ଆପଣଙ୍କ ସକାଶେ ଉତ୍ସର୍ଗିତ । ଆପଣଙ୍କ ସୁରକ୍ଷା ପାଇଁ ଆମେମାନେ ସର୍ବଦା ଉପସ୍ଥିତ ତଥା ପ୍ରତିଶୃତିବଦ୍ଧ । ଆପଣ ଆମ ଘରେ ଅବସ୍ଥାନ କରନ୍ତୁ । ହଜୁର[ସ.ଅ] ସେମାନଙ୍କୁ ଦୁଆରେ ଆଶିଷ ପ୍ରଦାନ କରି ଆଗକୁ ବଢି ଯାଉଥିଲେ । ମୁସଲମାନ ମହିଳା ଓ ପିଲାମାନେ ଆନନ୍ଦରେ ତୋଷାମଦ ହୋଇ ନିଜ ଘରର ଛାତ ଉପରେ ଚଢି ଆପଣଙ୍କୁ ସ୍ୱାଗତ ଜଣାଇ ଗୀତ ଗାଉ ଥିଲେ । ମଦିନାର ନିଗ୍ରୋ କ୍ରୀତଦାସମାନେ ଆପଣଙ୍କ ଆଗମନର ଆନନ୍ଦରେ ବିଭୋର ହୋଇ ଖଣ୍ଡା ଚାଳନାର ନିଜ ନିପୁଣତା ପ୍ରଦର୍ଶନ କରିଥିଲେ ।

କିଛି କାଳ ଅତିବାହିତ ହେବା ପରେ ହଜୁର[ସ.ଅ] ହଜରତ ଜୈଦ [ର.ଅ]ଙ୍କୁ ମକ୍କା ପ୍ରେରଣ କରିଥିଲେ । ଯେ କି ହଜୁର[ସ.ଅ] ଓ ହଜରତ ଅବୁବକର [ର.ଅ]ଙ୍କ ପରିବାରବର୍ଗଙ୍କୁ ସୁରକ୍ଷିତ ଭାବରେ ମଦିନା ଘେନି ଆଣିଥିଲେ । ମଦିନାରେ

ହଜୁର[ସ.ଅ] ଯେଉଁ ଜମି କ୍ରୟ କରିଥିଲେ ସେଠାରେ ସର୍ବପ୍ରଥମେ ମସଜିଦ୍‌ର ଭିତ୍ତି ସ୍ଥାପନ କରିଥିଲେ । ସେଥିଅନ୍ତେ ନିଜ ଓ ନିଜ ସାଥିମାନଙ୍କ ନିମନ୍ତେ ଘର ନିର୍ମାଣ କଲେ ।

ମଦିନା ପ୍ରବାସ କରିବା ହଜରତ ଅବୁବକର[ର.ଅ] ପରେ ସନାରେ ଖବିବ୍ ବିନ୍ ଅସାଫ୍ [ର.ଅ]ଙ୍କ ଘରେ ଅବସ୍ଥାନ କରିଥିଲେ । ସୁନା ମଦିନାର ନିକଟବର୍ତ୍ତୀ ଏକ ସ୍ଥାନ, ଯାହାକି ମସଜିଦ୍ ନବୱୀଠାରୁ ଦୁଇ ମିଲ୍ ଦୂରତାରେ ଅବସ୍ଥିତ । ହଜରତ ଖବିବ୍ [ର.ଅ]ଙ୍କ ସମ୍ପର୍କ ବନୁ ହାରିସ୍ ବିନ୍ ଖଜରଜ୍ ସହିତ ଥିଲା । ଆଉ ଏକ ବର୍ଣ୍ଣନାନୁଯାୟୀ ହଜରତ ଅବୁବକର[ର.ଅ] ହଜରତ ଖାରଜାଃ ବିନ୍ ଜଏଦ [ର.ଅ]ଙ୍କ ଘରେ ଅବସ୍ଥାନ କରିଥିଲେ । ଅନ୍ୟ କେତେକ ବର୍ଣ୍ଣନାନୁଯାୟୀ ହଜରତ ଅବୁବକର[ର.ଅ] ସୁନାରେ ନିଜ ଘର ଓ କପଡ଼ା ପ୍ରସ୍ତୁତ କରିବାର କାରଖାନା ନିର୍ମାଣ କରି ନିଜ ବ୍ୟବସାୟ ଆରମ୍ଭ କରିଦେଇଥିଲେ ।

ହଜରତ ଅବୁବକର [ର.ଅ]ଙ୍କ ଜୀବନୀ ପ୍ରସଙ୍ଗରେ ଆହୁରି ଅନେକ ବର୍ଣ୍ଣନା ରହିଛି ଯାହାକି ଇନ୍‌ଶା ଅଲ୍ଲାଃ ଆଗାମୀ ଖୁତବାରେ ଚର୍ଚ୍ଚା ହେବ । ସେଥିଅନ୍ତେ ପ୍ରିୟ ହଜୁର ଅନୱର[ଅ.ବ] କିଛି ମୃତକଙ୍କ ଉତ୍ତମ ଚରିତ୍ର ଚର୍ଚ୍ଚା କରି ସେମାନଙ୍କ ଜନାଯାଃ ଗାଏବ ପାଠ କରିବାର ଘୋଷଣା କଲେ ।

ପ୍ରଥମ ମୃତକ ଶ୍ରୀମାନ ଚୌଧରୀ ଅସଗର୍ ଅଲି କଲାର ସାହେବ ପିତା ମୁହମ୍ମଦ ଶରିଫ୍ କଲାର ସାହେବ ବାହାୱଲ୍‌ପୁର ନୀବାସୀଙ୍କର ଅଟେ । ଯେ ଅଲ୍ଲାଃଙ୍କ ମାର୍ଗରେ ବନ୍ଦୀ ହୋଇଥିଲେ । ଚଳିତ ଜାନୁଆରୀ ମାସ ୧୦ତାରିଖ ଦିନ ବନ୍ଦୀ ହେବା ଅବସ୍ଥାରେ ହିଁ ୭୦ବର୍ଷ ବୟସରେ ଦେହ ତ୍ୟାଗ କଲେ । ଇନ୍ନା ଲିଲ୍ଲାହି ଓ ଇନ୍ନା ଇଲୈହି ରାଜିଉନ୍ । ତାଙ୍କ ଉପରେ ଗତବର୍ଷ ସେପ୍ଟେମ୍ବର ମାସ ୨୪ତାରିଖ ଦିନ ୨୯୫-ଖ ଦଫା ଅନ୍ତର୍ଗତ ପବିତ୍ର ଅବତାର ହଜରତ ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କ ମର୍ଯ୍ୟାଦା କ୍ଷୁର୍ଣ୍ଣ କରିବା (ନଉଯୁବିଲ୍ଲାଃ) ଦୋଷରେ ମକଦ୍ଦମା କରାଯାଇଥିଲା ଏବଂ ସେହି ମାସ ୨୬ ତାରିଖ ଦିନ ତାଙ୍କୁ ବନ୍ଦୀ କରା ଯାଇଥିଲା । ପ୍ରିୟ ହଜୁର ଅନୱର[ଅ.ବ] କହିଲେ; ଆମ ବିରୋଧୀମାନେ ସରଳ ନିଷ୍କପଟ ଅହେମଦିମାନଙ୍କ ଉପରେ ରସୁଲଙ୍କ ମର୍ଯ୍ୟାଦା କ୍ଷୁର୍ଣ୍ଣ କରିବା ଅଭିଯୋଗ ଲଗାଇବା ତ ସମାନ୍ୟ କଥା ହୋଇଗଲାଣି । ମୃତକ ନିଜ ପରିବାରରେ ଏକାକୀ ଅହେମଦି ଥିଲେ ଏବଂ ସେ ସର୍ବଦା ଅର୍ଥଦାନ କରିବାରେ ସର୍ବାଗ୍ରେ ରହୁଥିଲେ । ସେ ଜଣେ ଖିଲାଫତ୍‌ର ବିଶ୍ୱସ୍ତ, ଅତିଥି ସତ୍କାରକ, ଧର୍ମ ପ୍ରଚାରକର ପାଗଳ ପ୍ରେମୀ ଥିଲେ । ସେ ନିଜ ସମ୍ପତ୍ତିର ୧/୮ଭାଗର ୱସିୟତ୍ କରିଥିଲେ ।

ଦ୍ୱିତୀୟ ଜନାଯାଃ ଶ୍ରୀମାନ ମିର୍ଜା ମୁମତାଜ୍ ଅହେମଦ ସାହେବଙ୍କର ଅଟେ । ଯେ କି ଓକାଲତ୍ ଉଲିୟା ରବୱାର କର୍ମୀ ଥିଲେ । ତୃତୀୟ ଜନାଯାଃ ଅବସର ପ୍ରାପ୍ତ ଶ୍ରୀମାନ କର୍ନଲ୍ ଡ଼ାଃ ଅବ୍‌ଦୁଲ୍ ଖାଲିକ୍ ସାହେବ ପୂର୍ବତନ ଆଡ଼ମିନିଶ୍‌ଟ୍ରେଶନ୍ ଫଜଲ୍ ଉମର ଚିକିତ୍ସାଳୟ ରବୱାଙ୍କର ଅଟେ । ହଜୁର ଅନୱର[ଅ.ବ] ସମସ୍ତ ମୃତକଙ୍କ ପାଇଁ କ୍ଷମା ଯାଚନା ଓ ବୈକୁଣ୍ଠରେ ସେମାନଙ୍କର ସ୍ତର ଉର୍ଦ୍ଧ୍ୱଗାମୀ ହେବା ପାଇଁ ଦୁଆ କଲେ ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉୟ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲୟିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

14th January 2022